# Akashvani, Sambalpur

## SAMBALPURI NEWS EVENING BULLETIN

## 22 February 2025- 7.02 pm- 7.12 pm.

*********************************************

୧- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ବିଚାର୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ମହିଳାମାନ୍‌କର୍ ବିକାଶ୍ ଲାଗି ସୁଭଦ୍ରା ଶକ୍ତି ମେଳା-୨୦୨୫ କେ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

୩- ଆର୍‌ବିଆଇ ର୍ ଆଘର୍ ଗଭର୍ଣ୍ଣର୍ ଶକ୍ତିକାନ୍ତ ଦାସ ହେଲେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ୨ ନମ୍ବର୍ ପ୍ରମୁଖ ସଚିବ ।

୪- ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ନ ଉଦ୍‌ଘାଟିତ୍ ହେଲା ପୂର୍ବୋଦୟ - ୨୦୨୫ କାର୍ଯ୍ୟକ୍ରମ୍ ।

ଆଉର୍

୫- ବିଜୟ ବାହାଦୁର୍ ସିଂ ଆଉ ଭୀମ୍‌ସେନ୍ ଛତର୍ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍‌କେ ଗଲେ ସମ୍ବଲ୍‌ପୁର୍ ଆର୍ ସୁନ୍ଦର୍‌ଗଡ଼୍ ଦଲ୍ ।

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୧୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବା କାଏଲ୍ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ସୁଭଦ୍ରା ମେଲା       ଆର୍ଏନ୍ୟୁ/ ସମ୍ବଲପୁର

ମହିଲାମାନ୍କୁ ସଶକ୍ତ କର୍ବାର୍ ଦିଗେ ଆଏଜ୍ଠାନୁ ଭୁବ୍ନେଶ୍ୱର୍ ନ   ସୁଭଦ୍ରା ଶକ୍ତି ମେଲା ମୁଲ୍ ହେଇଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜନତା ମଇଦାନ ଠାନେ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଛନ୍ । ଆଏବା ୨ ତାରିଖ ତକ୍ କାର୍ଯ୍ୟକ୍ରମ୍ ଚାଲ୍‌ବା ।

ଉପମୁଖ୍ୟମନ୍ତ୍ରୀ ଆର୍ ମହିଲା ସଶକ୍ତିକରଣ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମହିଲାମାନ୍‌କର୍ ବିକାଶ୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ କହିଛନ୍ ।

ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ  ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀଙ୍କର୍ ୨ ନମ୍ବର୍ ପ୍ରମୁଖ ସଚିବ ଭାବେ ଭାରତୀୟ ରିଜର୍ଭ ବେଙ୍କ୍‌ର ଆଘର୍ ଗଭର୍ଣ୍ଣର୍ ଆଉ ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତ ଦାସ ନିଯୁକ୍ତି ପାଇଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କର୍ ସଙ୍ଗେ ଶ୍ରୀ ଦାସ ଭିଲ୍ ଦାୟିତ୍ୱଥି ରହେବେ । ୧୯୮୦ ବେଚ୍‌ର ତାମିଲ୍‌ନାଡୁ କେଡ଼ର୍ ଅବସର୍‌ପ୍ରାପ୍ତ ପ୍ରଶାସନିକ୍ ଅଧିକାରୀ ଶକ୍ତିକାନ୍ତ ଦାସ ୨୦୧୮ ନୁ ୨୦୨୪ ତକ୍ ଆର୍‌ବିଆଇ ଗଭର୍ଣ୍ଣର୍ ଦାୟିତ୍ୱ ତୁଲେଇଥିଲେ ।

ପିଏମ୍ କିଶାନ୍ ସମ୍ମାନ୍‌ନିଧି ଯୋଜ୍‌ନା            ଏନ୍‌ଏସ୍‌ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା ସୋମବାର ଦିନ ପିଏମ୍ କିଶାନ୍ ସମ୍ମାନ୍‌ନିଧି ଯୋଜ୍‌ନାର ୧୯ ନମ୍ବର ଖେପ୍ ସାହାଜ୍ ଟଙ୍କା ବାଂଟବେ । ବିହାରର ଭାଗଲ୍‌ପୁର ନ ଗୁଟେ ଖାସ୍ କାର୍ଯ୍ୟକ୍ରମଥି ପ୍ରଧାନମନ୍ତ୍ରୀ ସାହାଜ୍ ବାଂଟବେ ବଲି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ କହିଛନ୍ । ଯୋଜ୍‌ନାଥି ଦେଶର୍ ଚାଷୀମାନଙ୍କୁ ୩ ଖେପ୍‌ଥି ବଛର୍‌କ ୬ ହଜାର ଟଙ୍କା ସାହାଜ୍ ଦିଆଯିବା । ଇତାର୍ ସହେତେ ଯୋଜ୍‌ନାକେ ନେଇକରି ଚାଷୀମାନଙ୍କୁ ସଚେତନ୍ କରାଯିବା ବଲି କୃଷିମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ ।

ଛାତ୍ରୀମୃତ୍ୟୁ ଘଟ୍‌ନା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ବିଶ୍ୱବିଦ୍ୟାଲୟ ନ ଛାତ୍ରୀମୃତ୍ୟୁ ଘଟ୍‌ନାଥି ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ନେପାଲ୍ ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ଆର୍‌ଜୁ ରାନା ଦେଉବାଙ୍କର୍ ସଙ୍ଗେ ଫୋନ୍‌ଥି କଥା ହେଇଛନ୍ । ଦୋଷୀମାନ୍‌କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍ ସହେତେ ଛୁଆମାନ୍‌କର୍ ଭର୍‌ସା ଫିରେଇ ଆନ୍‌ବାର୍ ଲାଗି ପଦକ୍ଷେପ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ । ରାଜ୍ୟ ସର୍‌କାର୍ ଘଟ୍‌ନା ଉପ୍‌ରେ କଡ଼ା ନଜର୍ ରଖିକରି ପଦକ୍ଷେପ୍ ନେଉଛନ୍ ବଲି

ମୁଖ୍ୟମନ୍ତ୍ରୀ କହିଛନ୍ । ଇତାର୍ ଉତ୍ରୁ ଶ୍ରୀ ମାଝୀ ନେପାଲ୍ ଦୂତାବାସ୍ର ୨ ଝନ୍ ଅଧିକାରୀଙ୍କୁ ଭେଟିକରି ଆଲୋଚନା କରିଥିଲେ ।

ସେଆଡ଼େ ବିଶ୍ୱବିଦ୍ୟାଲୟର୍ ପ୍ରତିଷ୍ଠାତାଙ୍କୁ ସମନ୍ ଜାରି କରାଯିବାର୍ ସହେତେ ୮ ଝନ୍କର୍ ବୟାନ୍ ରେକର୍ଡ଼ କରାଯାଇଛେ ବଲି ଗଣମାଧ୍ୟମ୍କେ ସୂଚ୍ନା ଦେଇକରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଘଟ୍ନାର୍ ତଦନ୍ତ୍ କରୁଥିବା ଉଚ୍ଚସ୍ତରୀୟ କମିଟିର୍ ତଦନ୍ତ ଆଧାର୍ଥି କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କରାଯିବା ଆଉ ଇହାଦେତକ୍ ଘଟ୍ନାଥି ସମ୍ପୃକ୍ତ ଥିବା ୧୦ ଝନ୍କୁ ଗିରଫ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।
( ଭଏସ୍ ଓଭର୍- ସୂର୍ଯ୍ୟବଂଶୀ ସୂରଜ୍)

ଓଡ଼ିଶା ଟ୍ରାଭେଲ୍ ବଜାର୍ କାର୍ଯ୍ୟକ୍ରମ I&PR

ଭାରତୀୟ ବାଣିଜ୍ୟ ଆଉ ଶିଳ୍ପ ମହାସଂଘ - ଫିକି ଆଉ ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ତର୍ଫୁ ଆଏବା ୨୪ ନୁ ୨୭ ତାରିଖ୍ ତକ୍ ୬ ନମ୍ବର୍ ଓଡ଼ିଶା ଟ୍ରାଭେଲ୍ ବଜାର୍ କାର୍ଯ୍ୟକ୍ରମ୍ ହେବା । ଇ ବାବ୍ଦେ ଆଏଜ୍ ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସାମ୍ବାଦିକ୍ ସମ୍ମିଳନୀଥି କହିଛନ୍, ଓଡ଼ିଶା ଟ୍ରାଭେଲ୍ ବଜାର୍ -୨୦୨୫ କାର୍ଯ୍ୟକ୍ରମ୍ ଆଗ୍ଧାଡ଼ିର୍ ଅନ୍ତର୍ଜାତୀୟ ବୁଲ୍ବାର୍ ଜାଗା ଭାବେ ଓଡ଼ିଶାର୍ ଥିତିକେ

ବର୍‌କସ୍ କର୍‌ବା । କାର୍ଯ୍ୟକ୍ରମ୍‌ଥି ଦେଶର୍ ୩୦ ନୁ ଅଏତ୍‌କା ସହରର୍ ଶହେ ଟା ଆଉ ୧୭ ଟା ଦେଶର୍ ୩୦ ନୁ ଅଏତ୍‌କା ଘରୋଇ ପର୍ଯ୍ୟଟନ୍ ପରିଚାଲନା ସଂସ୍ଥା ଭାଗ୍ ନେବେ ।

ଗୋ ସୁରକ୍ଷା-ମନ୍ତ୍ରୀ ପୁରୀ ସମ୍ବାଦଦାତା

ରାଏଜେ ଗୋ-ଚାଲାଣ ରୋକ୍‌ବାର୍ ଲାଗି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାର୍ ସହେତେ ଇତାର୍ ଉପରେ ପଦକ୍ଷେପ୍ ନେବାର୍‌କେ ଜିଲ୍ଲାପାଲ ଆର୍ ଏସ୍‌ପିମାନଙ୍କୁ ଅଏତ୍‌କା କ୍ଷମତା ଦିଆଯାଇଛେ ବଲି ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ କହିଛନ୍ । ପୁରୀ ଜିଲ୍ଲାର ଗୋବର୍ଦ୍ଧନ ପୀଠ ଗୋଶାଳାକେ ବୁଲି ଯାଇକରି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍, ଶ୍ରୀମନ୍ଦିରକେ ଘି’ ଯୋଗାବାର୍ ଲାଗି ଖାସ୍ ଓମ୍‌ଫେଡ୍ ଡିପୋ ଥାପ୍‌ନା କର୍‌ବାର୍‌କେ ସରକାର ଯୋଜ୍‌ନା କରୁଛନ୍ ଆଉ ମନ୍ଦିରର୍ ଘି’ ଉପ୍‌ରେ ରିହାତି ଦେବାର୍‌କେ ଭିଲ୍ ଯୋଜ୍‌ନା କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ । ସେ ଆହୁରି କହିଛନ୍, ନୂଆ ସରକାର ଏବ୍‌ତକ୍ ୨ଶହ ଟା ଗୋଶାଲା ଲାଗି ଯୋଜ୍‌ନା କରିଛନ୍ ଆଉ ଇଥିର୍‌ଲାଗି ୯କୋଟି ଟଙ୍କା ଲେଖା ଦିଆଯାଇଛେ ।

ରାଜ୍ୟ ପୁଲିସ୍ ଆଥଲେଟିକ୍ସ I&PR

କଟକ୍ ବକ୍ସି ବଜାର୍ ରିଜର୍ଭ ପୁଲିସ୍ ପଡ଼ିଆ ନ ୭୩ ନମ୍ବର୍ ରାଜ୍ୟ ପୁଲିସ୍ ଆଥଲେଟିକ୍ସ -୨୦୨୫ ମୁଲ୍ ହେଇଛେ । ଗୁଇନ୍ଦା ବିଭାଗ୍ ନିର୍ଦ୍ଦେଶକ୍ ଆର୍.ପି. କୋଚେ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ଏନ୍ତା ପ୍ରତିଯୋଗିତା ପୁଲିସ୍ ଅଧିକାରୀ, କର୍ମଚାରୀମାନ୍‌କର୍ ଭିତ୍‌ରେ ଆତ୍ମବିଶ୍ୱାସ୍ ବଢ଼ାବାର୍ ସହେତେ ଅନୁଶାସନ୍ ଆର୍ କାମ୍ କର୍‌ବାର୍‌କେ ତହଁକାବା ବଲି କହିଛନ୍ । ଚମ୍ପିଆନ୍‌ସିପ୍‌ଥି ରାଜ୍ୟର୍ ଭିନ୍ ଭିନ୍ ରେଞ୍ଜ୍ ଆର୍ ବାଟାଲିୟନ୍‌ନୁ ୪୧ ଟା ପୁଲିସ୍ ଦଲ୍‌ଥି ୭ ଶହ ୯୭ ଜନ୍ ଖେଲାଲୀ ସାମିଲ୍ ହେଇଛନ୍ । ପ୍ରତିଯୋଗିତା ୨୫ ତାରିଖ୍‌ତକ୍ ଚାଲ୍‌ବା ।

ପୂର୍ବୋଦୟ -୨୦୨୫ କାର୍ଯ୍ୟକ୍ରମ ସମ୍ବଲ୍‌ପୁର୍ ସମ୍ବାଦଦାତା

ଚାକିରୀ କର୍‌ବାର୍ ଠାନୁ ଚାକିରୀ ଯୁଗେଇ ଦେବାର୍‌ଟା ନୂଆଁ ପିଢ଼ିର୍ ଲକ୍ଷ୍ୟ ହେବାର୍ ଦର୍‌କାର୍ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ନ ଏମ୍‌ଏସ୍‌ଏମ୍‌ଇ ବିଭାଗ୍ ତର୍‌ଫୁ ହେଇଥିବା ପୂର୍ବୋଦୟ -୨୦୨୫ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ଷ୍ଟାଟ୍‌ଅପ୍ କର୍‌ବାର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ବହୁତ୍‌ଟେ

ଯୋଜ୍ନା କାର୍ଯ୍ୟକାରୀ କରୁଛନ୍ । ହେଥିର୍ଲାଗି ଯୁଆନ୍ ବର୍ଗ ସ୍ୱାବଲମ୍ବୀ ହେବାର୍ ସହେତେ ଲୁକ୍କୁ ରୋଜ୍ଗାର୍ ଦେବାର୍ ବାବ୍ଦେ ତାଲିମ୍ ଦିଆଯାଉଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

(ଭଏସ୍ ଓଭର୍- ପଂଚାୟତିରାଜ୍ ମନ୍ତ୍ରୀ)

ଇ କାର୍ଯ୍ୟକ୍ରମ୍ ଆଏବା ୩ ଦିନ୍ ଧରିକରି ଚାଲ୍ବା । କାର୍ଯ୍ୟକ୍ରମ୍ଥି ସମ୍ବଲ୍ପୁର୍ ବିଧାୟକ୍ ଆର୍ ରେଙ୍ଗାଲିର୍ ଆଘର୍ ବିଧାୟକ୍ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ପଂଚାୟତିରାଜ୍ମନ୍ତ୍ରୀ-ପାନୀୟ ଜଳ ସମ୍ବଲପୁର୍ ସମ୍ବାଦଦାତା

ରାଏଜେ ଭିନ୍ ଭିନ୍ ଇଲାକା ନ ପିଇବାର୍ ପାଏନ୍ ସମସ୍ୟା ଦେଖାଦେଇଥିବା ବେଲେ ଇତାର୍ ସମାଧାନ୍ ଲାଗି ଆର୍ଡବ୍ଲୁଏସ୍ଏସ୍ ବିଭାଗ୍କେ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ପଂଚାୟତିରାଜ୍ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ସମ୍ବଲପୁର୍ ଗସ୍ତଥି ଆସିକରି ଆଏଜ୍ ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ଯେନ୍ ଜାଗା ମାନ୍କେ ପାଇପ୍ଥି ପିଇବାର୍ ପାଏନ୍ ନାଇଁ ପୁହୁଁଚିପାର୍ବାର୍, ସେନ୍କେ ଟେଙ୍କର୍ଥି ପାଏନ୍ ପୁହୁଁଚାବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଇତାର୍ସହେତେ ରାଏଜେ ମେଗା ପିଇବାର୍ ପାଏନ୍ ବ୍ୟବସ୍ଥା କାମ୍ ଚାଲିଛେ । ଯେନ୍ଥିର୍ ଜରିଏ ସବୁଦିନିଆ ପାନିର୍ ବ୍ୟବସ୍ଥା ହେଇପାର୍ବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ନୃତ୍ୟଶିଳ୍ପୀ ଗୁରୁ ମାୟାଧର୍ ରାଉତ -ପରଲୋକ    ଏକ୍ସ

ଓଡ଼ିଶୀ ନୃତ୍ୟଶିଳ୍ପୀ ଆର୍ ପଦ୍ମଶ୍ରୀ ଗୁରୁ ମାୟାଧର୍ ରାଉତଙ୍କର୍ ପରଲୋକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକପ୍ରକାଶ୍ କରିଛନ୍ । ମୁଖ୍ୟମନ୍ତ୍ରୀ ତାଙ୍କର୍ ଶୋକବାର୍ତାଥି କହିଛନ୍, ଗୁରୁ ମାୟାଥର୍ ରାଉତଙ୍କର୍ ଦେହାନ୍ତ ଓଡ଼ିଶୀ ନୃତ୍ୟ ଜଗତ୍ ଲାଗି ଗୁଟେ ଅପୂରଣୀୟ କ୍ଷତି ଆଏ ।

କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ - ଗୁରୁ ମାୟାଧର୍ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ତାଙ୍କର୍ ଶୋକବାର୍ତାଥି କହିଛନ୍, ଓଡ଼ିଶୀ ନୃତ୍ୟକେ ଶାସ୍ତ୍ରଭିତିକ ଜ୍ଞାନ୍‌ଥି ଆହୁରି ବର୍‌କସ୍ କର୍‌ବାର୍‌ଥି ଗୁରୁ ମାୟାଧର୍‌ଙ୍କର୍ ବଡ଼ ଭୂମିକା ରହିଥିଲା ।

ମାତୃଭାଷା ଦିବସ-ବୌଦ୍ଧ    ବୌଦ୍ଧ/ନୂଆପଡ଼ା ସମ୍ବାଦଦାତା

ବୌଦ୍ଧ ସରସ୍ୱତୀ ଶିଶୁ ମନ୍ଦିର୍ ଠାନେ ଆନ୍ତର୍ଜାତୀୟ ମାତୃଭାଷା ଦିବସ୍ ପାଲିତ୍ ହେଇଯାଇଛେ । ବିଦ୍ୟାଳୟର୍ ପ୍ରଧାନ୍ ଆଚାର୍ଯ୍ୟ ଇ ଅବ୍‌ସରେ କହିଛନ୍, ମାତୃଭାଷା ହେଉଛେ ଗୁଟେ ଛୁଆର୍ ପହେଲା ଭାଷା । ଇତାର୍‌ସହେତେ ଇହାଦେର୍ ସମିଆଥି ମାତୃଭାଷାର୍ ଉପ୍‌ରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

ସେନ୍ତା ନୂଆପଡ଼ା ଜିଲ୍ଲା ସିନାପାଲି ଗଙ୍ଗାଧର୍ ସାହିତ୍ୟ ସମିତି ତର୍ଫୁ ବିଶ୍ୱ ମାତୃଭାଷା ଦିବସ୍ ପାଲିତ୍ ହେଇଛେ । ଇ ଅବ୍‌ସରେ ଗୁଟେ କବିତା ପାଠୋତ୍ସବ୍ ହେଇଥିଲା ।

ଜିଲ୍ଲାପାଲ୍- ଚାଷ୍ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ଇ ବଛର୍ ନୂଆପଡ଼ା ଜିଲ୍ଲାନ ୨୩ ଲାଖ୍ କୁଇଂଟାଲ୍ ଧାନ, ୫୦ ହଜାର କୁଇଂଟାଲ କପା, ୧୬ ହଜାର କୁଇଂଟାଲ ମଡ଼ିଆ ଆଉ ୧୧ ହଜାର ୮ ଶହ ୭୨ କୁଇଂଟାଲ ମକା ଘିନା ଯାଇଛେ ବଲି ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ । ତାଙ୍କର ସମ୍ମିଳନୀ କକ୍ଷଠାନେ ଆଏଜ୍ ଜିଲ୍ଲା କୃଷି ବିଭାଗର ସମୀକ୍ଷା କରି କରି ଜିଲ୍ଲାପାଳ ଇ ବାବଦ୍ ସୂଚ୍‌ନା ଦେବାର୍ ସହେତେ ଇନର ପ୍ରବାସୀ ଶ୍ରମିକ୍‌ମାନେ ଚାଷ୍‌ବାସ୍ ଜରିଏ ଆତ୍ମନିର୍ଭରଶୀଲ୍ ହେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ଠାନେ ୨ ନମ୍ବର୍ ଅନ୍ତଃଜିଲ୍ଲା ପଶ୍ଚିମ ଓଡ଼ିଶା ବିଜୟ ବାହାଦୁର୍ ସିଂ ଆର୍ ଭୀମ୍‌ସେନ୍ ଛତର୍ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ -୨୦୨୫ ଥି ସୁନ୍ଦର୍‌ଗଡ଼୍ ଦଲ୍ ଫାଇନାଲ୍‌କେ ଯାଇଛେ । ଆଏଜ୍ ୨ ନମ୍ବର୍

ସେମିଫାଇନାଲ୍ ମେଚ୍‌ଥି ସୁନ୍ଦର୍‌ଗଡ୍ ଦଲ୍ - ଦେବ୍‌ଗଡ୍ ଦଲ୍‌କେ ୨-୧ ଗୋଲ୍‌ଥି ହରେଇଥିଲା ।

ଆଏବା କାଏଲ୍ ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍ ମେଚ୍‌ଥି ସମ୍ବଲ୍‌ପୁର୍-ସୁନ୍ଦର୍‌ଗଡ୍ ଭିତ୍‌ରେ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ବୌଦ୍ଧ ଆର୍ କଲାହାଣ୍ଡି ସହେତେ ରାଜ୍ୟର୍ ୨୩ ଟା ଜିଲ୍ଲାର୍ କେତେଟା ଜାଗା ନ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ କରିଛେ । ସମ୍ବଲ୍‌ପୁର୍, କଲାହାଣ୍ଡି ଆର୍ ଦେବ୍‌ଗଡ୍ ସହେତେ ୧୩ ଟା ଜିଲ୍ଲା ର୍ ଗୁଟେ ଦୁଇଟା ଜାଗାନ ଜବର ଘଡ଼ଘଡ଼ି, ବର୍ଷା ଆଉ ଧୁକାଗର୍ଦ୍ଦି ହେବା ବଲି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ବର୍ଷା ହେଇଥିବାର୍‌ନୁ ରାଏଜେ ଦିନର୍ ତାତି ଟିକେ କମିଛେ । ଆଏଜ୍ ରାଜ୍ୟର ୧୮ଟା ସହରର ସବୁନୁ ଜହ ତାତି ୩୩ ଡିଗ୍ରୀ ଉପ୍‌ରେ ଥିଲା ।